# ପ୍ରତିଷ୍ଠା ଦିବସରେ ସଜେଇ ହେବ ରାଜଧାନୀ

ଭୁବନେଶ୍ୱର, ୭।୪(ବନ୍ଦନା ସେଠୀ)

## ସଂଯୁକ୍ତ ବିଭାଗର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କଲେ ମେୟର



ବୈଠକରେ ମେୟର ସୁଲୋଚନା ଦାସ ଏବଂ ଅନ୍ୟ ଅଧିକାରୀମାନେ।

ଧୁମ୍‌ଧାମରେ ପାଳନ ହେବ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ। ଏଥିପାଇଁ ବିଏମ୍‌ସି ସହ ଅନ୍ୟାନ୍ୟ ବିଭାଗର ପ୍ରସ୍ତୁତି ଚାଲିଥିବାବେଳେ ମଙ୍ଗଳବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠା ଦିବସକୁ ମହାଆଡ଼ମ୍ବରରେ ପାଳନ କରିବା ପାଇଁ ସଂଯୁକ୍ତ ବିଭାଗଗୁଡ଼ିକୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସମ୍ପୃକ୍ତ ଦିନ ପ୍ରତ୍ୟୁଷରୁ ଭୁବନେଶ୍ୱରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହି ଅବସରରେ ବିଧାନସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଦିବସ ଫଳକରେ ପୁଷ୍ପମାଲ୍ୟ ପ୍ରଦାନ, ରଙ୍ଗାରଙ୍ଗ ପରେଡ ଓ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ପୋଲିସ ବାହିନୀ, ଟ୍ରାଫିକ, ଓଏସ୍‌ଏପି, ଅଗ୍ନିଶମ ବିଭାଗ ସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ସନ୍ଧ୍ୟାରେ ଉତ୍କଳ ମଣ୍ଡପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୩ ଜଣଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏହାବ୍ୟତୀତ ବିଏମ୍‌ସିର ୩ଟି ଜୋନ୍‌ରୁ ୩ଜଣ ଲେଖାଏ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ପ୍ରତିଷ୍ଠା ଦିବସରେ ସଚିବାଳୟ ମାର୍ଗରେ ଥିବା ସମସ୍ତ ବ୍ୟାଙ୍କ, ସରକାରୀ, ବେସରକାରୀ ଓ ଘରୋଇ ଅନୁଷ୍ଠାନ ନିଜ ନିଜର ବିଲ୍ଡିଂକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ପତ୍ର ମାଧ୍ୟମରେ ଅନୁରୋଧ କରାଯିବ। ଭୁବନେଶ୍ୱରର ୪ଟି ପ୍ରବେଶ ପଥରେ ତୋରଣ କରାଯିବା ସହ ଏଜି ଛକ, ମାଷ୍ଟର କ୍ୟାଣ୍ଟିନ ଏବଂ ବିଡିଏ ସମ୍ମୁଖରେ ତୋରଣ କରାଯିବ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସମ୍ପୃକ୍ତି ରହୁଥିବାରୁ ବିଏମ୍‌ସି ନୋଡାଲ ଏଜେନ୍ସି ଭାବେ ସମସ୍ତ ବିଭାଗ ସହ ଯୋଗାଯୋଗ ଓ କାର୍ଯ୍ୟର ସଂଯୋଜନା କରୁଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଞ୍ଜିନିୟର ନାରଦ ଚନ୍ଦ୍ର ରଥ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର ଓ ବରିଷ୍ଠ ଅଧିକାରୀଙ୍କ ସହ ବିଡିଏ, ପୂର୍ତ୍ତ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଗୃହ ବିଭାଗ ଆଦି ପ୍ରମୁଖ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବିଏମ୍‌ସି ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ବୈଠକର ସଂଯୋଜନା କରିଥିଲେ।

# ପୁରୁଣା ଗାଡ଼ି ବିକ୍ରି ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୪(ପ୍ରସନଜିତ୍ ସାହୁ)

ଏକ ଭଲ ସେକେଣ୍ଡ ହ୍ୟାଣ୍ଡ ଗାଡ଼ି ଦେବା ନାଁରେ ୧୧.୯୮ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ଜଗନ୍ନାଥ ଦାସ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଜଗନ୍ନାଥଙ୍କ ନାଁରେ ୪ରୁ ଅଧିକ ଠକେଇ ମାମଲା ଥିବା ପୋଲିସ ସୂଚନା ଦେଇଛି। ପୋଲିସ ସୂଚନାନୁସାରେ, ଠକେଇର ଶିକାର ହୋଇଥିବା ଅନ୍ନଦା ଶଙ୍କର ପଟ୍ଟନାୟକ ଟଙ୍କପାଣି ଅଞ୍ଚଳରେ ରହୁଥିବାବେଳେ ପୁରୀ ବାଇପାସ୍ ରୋଡ୍‌ରେ ଅବସ୍ଥିତ ନାଇସ୍ ମୋଟରର ମାଲିକ ଜଗନ୍ନାଥଙ୍କୁ ଏକ ସେକେଣ୍ଡ ହ୍ୟାଣ୍ଡ କାର୍ କିଣିବା ପାଇଁ ମୋଟ ୧୧ଲକ୍ଷ ୯୮ହଜାର ୨୬୦ ଟଙ୍କା ଦେଇଥିଲେ। ପ୍ରଥମେ ସେ ଜଗନ୍ନାଥଙ୍କୁ ୭ ଲକ୍ଷ ଟଙ୍କା ଦେଇଥିଲେ। ପରେ ଏକ ଭଲ ଗାଡ଼ି ଦେବାର ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଏସ୍‌ବିଆଇ କ୍ରେଡିଟ କାର୍ଡ ମାଧ୍ୟମରେ ୪ଲକ୍ଷ ୯୨ ହଜାର ୨୬୦ ଟଙ୍କା ଅଧିକ ନେଇଥିଲେ। ଏହାସହ ମାଲିକାନା ପରିବର୍ତ୍ତନ ପାଇଁ ମଧ୍ୟ ୬ ହଜାର ଟଙ୍କା ନେଇଥିଲେ। ମୋଟ ୧୧ ଲକ୍ଷ ୯୮ ହଜାର ୨୬୦ ଟଙ୍କା ନେବା ପରେ ଅଭିଯୁକ୍ତ ଜଗନ୍ନାଥ ଅଭିଯୋଗକାରୀଙ୍କୁ ଗାଡ଼ି ହସ୍ତାନ୍ତର କରିଥିଲେ। କିନ୍ତୁ ପରେ ସେହି ଗାଡ଼ିଟି ଏକ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଏବଂ ତାହାର ମାଲିକାନା ଠିକ୍ ଭାବରେ ପରିବର୍ତ୍ତନ ହୋଇ ନ ଥିବା ଅଭିଯୋଗକାରୀ ଜାଣିବାକୁ ପାଇଥିଲେ। ତେଣୁ ଅନ୍ନଦା ଗାଡ଼ିଟି ଫେରାଇ ଦେଇ ତାଙ୍କ ଟଙ୍କା ଫେରସ୍ତ ଦେବାକୁ ଜଗନ୍ନାଥଙ୍କୁ କହିଥିଲେ। ହେଲେ ଜଗନ୍ନାଥ କିଛି ନ ଶୁଣିବାରୁ ଅନ୍ନଦା ୨୦୨୪ ଜୁଲାଇ ୬ ତାରିଖରେ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ଜଗନ୍ନାଥ ଅଭିଯୋଗକାରୀଙ୍କ ନିକଟରୁ ନେଇଥିବା ମୋଟ ଟଙ୍କାରୁ ମାତ୍ର ୬ ଲକ୍ଷ ୧୦ ହଜାର ଟଙ୍କା ଫେରସ୍ତ ଦେଇଥିବା ବେଳେ, ଅବଶିଷ୍ଟ ୫ ଲକ୍ଷ ୯୦ ହଜାର ଟଙ୍କା ଫେରାଇ ନ ଥିଲେ। ଫଳରେ ଅଭିଯୋଗକାରୀ ପୁନର୍ବାର ଥାନାର ଦାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ବଡଗଡ ଥାନା ପୋଲିସ ଏକ ଠକେଇ ମାମଲା (ନଂ. ୨୩୩/୨୬) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଯୁଦ୍ଧବିହୀନ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପ୍ରତିଷ୍ଠା ନିମନ୍ତେ ମଙ୍ଗଳବାର ଶୋଭନୀୟ ଅନୁଷ୍ଠାନ ପକ୍ଷରୁ ପିଏମ୍‌ଜିରେ ସଚେତନତା ଶୋଭାଯାତ୍ରା।

# ୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ଭୁବନେଶ୍ୱର,୭।୪(ତ୍ରିନାଥ ମହାନ୍ତି)

କୋରାପୁଟରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ଆନ୍ଧ୍ର-ଓଡ଼ିଶା ସୀମାରେ ଏନ୍‌ସିବି ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬କୁଇଣ୍ଟାଲ ୬୫୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚାଲାଣ କରୁଥିବା ଦୁଇ ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭରଙ୍କୁ ଗିରଫ କରାଯାଇଥିବାବେଳେ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। କୋରାପୁଟର ଜଣେ ଆନ୍ତଃରାଜ୍ୟ ନିଶାମାଫିଆ ୨ଟି ପିକଅପ୍ ଭ୍ୟାନରେ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏନ୍‌ସିବି କୌଣସି ସୂତ୍ରରୁ ଖବର ପାଇ ଓଡ଼ିଶା ଏବଂ ଆନ୍ଧ୍ର ସୀମାରୁ ୨ଗାଡ଼ିକୁ ଧରି ଯାଞ୍ଚ କରିବା ପରେ ସେଥିରୁ ଗଞ୍ଜେଇ ମିଳିଥିଲା।

# ୩୨ ୟୁନିଟ୍ ରକ୍ତ ସଂଗ୍ରହ

ବାଲିପାଟଣା,୭।୪(ଅଭିମନ୍ୟୁ ନାୟକ)

ବନମାଳିପୁର ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ଏବଂ ୱାଇଆର୍‌ସି ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କଲେଜର ଅଧ୍ୟକ୍ଷ ଡା. ମୁରଲୀଧର ସାହୁ ଶିବିରକୁ ଉଦ୍‌ଘାଟନ କରି ସମସ୍ତ ଛାତ୍ରୀଙ୍କଛାତ୍ରଙ୍କୁ ସମାଜସେବାରେ ଅଗ୍ରସର ହେବା ପାଇଁ ଆହ୍ୱାନ କରିଥିଲେ। ୱାଇଆର୍‌ସି କାଉନସେଲର ଡା.ସୂର୍ଯ୍ୟ ନାରାୟଣ ପଣ୍ଡା, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ମୋହମାୟା ମହାପାତ୍ର ଏବଂ ଏନ୍‌ଏସ୍‌ଏସ୍ ସଂଯୋଜକ ଉମେଶ ଚନ୍ଦ୍ର ନାୟକଙ୍କ ସହଯୋଗରେ ଶିବିର ପରିଚାଳିତ ହୋଇଥିଲା।

# ପିଆର୍‌ସିଆଇର ୨୨ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୭।୪

ପବ୍ଲିକ୍ ରିଲେଶନ୍ସ କାଉନ୍ସିଲ ଅଫ୍ ଇଣ୍ଡିଆ (ପିଆର୍‌ସିଆଇ) ପକ୍ଷରୁ ଏହାର ୨୨ତମ ପ୍ରତିଷ୍ଠା ଦିବସ କୋଲକାତା ପ୍ରେସ୍ କ୍ଲବ୍‌ରେ ପାଳିତ ହୋଇଯାଇଛି। ଏହି ଅବସରରେ ପିଆର୍‌ସିଆଇ ପୂର୍ବାଞ୍ଚଳର ଦୁଇ ଦଶକର ଯାତ୍ରାକୁ ସ୍ୱତନ୍ତ୍ର ଭାବେ ପ୍ରଦର୍ଶନ କରାଯିବା ସହ ବୃତ୍ତିଗତ କୁଶଳତାର ପ୍ରଚାର ଏବଂ ଲୋକସମ୍ପର୍କ କ୍ଷେତ୍ରରେ ନୈତିକ ମାନଦଣ୍ଡର ଉନ୍ନତିକୁ ନେଇ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଦାମୋଦର ଭ୍ୟାଲି କର୍ପୋରେଶନର ଅଧ୍ୟକ୍ଷ ସୁରେଶ କୁମାର ଉପସ୍ଥିତ ରହି ପିଆର୍ ବୃତ୍ତିଧାରୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ରାଇସିସ୍ ଏବଂ ଷ୍ଟ୍ରାଟେଜିକ ପିଆର୍ ବିଷୟରେ ଏନ୍.ଡି. ରାଜପାଲ ସ୍ମୃତି ବ୍ୟାଖ୍ୟାନ ଆୟୋଜିତ ହୋଇଥିଲା। ବରିଷ୍ଠ ପିଆର୍ ପେସାଦାର, କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଓ ମିଡିଆ ପ୍ରତିନିଧିମାନେ ପ୍ରଯୁକ୍ତିଗତ ପରିବର୍ତ୍ତନ ଓ ସଂଯୋଗର ରଣନୀତିମୂଳକ ବିଷୟରେ ମତ ବିନିମୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଆର୍‌ସିଆଇର ନିର୍ଦ୍ଦେଶକ ଆର୍.ଏନ୍. ମହାପାତ୍ର, ଅଧ୍ୟକ୍ଷ ଓ ମେଣ୍ଟର ଏମ୍.ବି. ଜୟରାମ, ଜାତୀୟ ଅଧ୍ୟକ୍ଷ ଗୀତା ଶଙ୍କର, ପରିଚାଳନା ପରିଷଦର ଅଧ୍ୟକ୍ଷ ଡା. ଟି. ବିନୟ କୁମାର, ଡି.ପି. ତାରେନିଆ, ରୀତା ଭିମାନୀ, ସୁବୀର ଘୋଷ, ଡା. ଅଶୋକ ପାଣ୍ଡା ଓ ସ୍ନେହାଶିଷ ସୁର ପ୍ରମୁଖ ଉପସ୍ଥିତ ଥିଲେ। ପିଆର୍‌ସିଆଇ ହେଉଛି ଭାରତରେ ଲୋକସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବୃତ୍ତିଧାରୀଙ୍କ ପାଇଁ ଏକ ଶୀର୍ଷ ସଂଗଠନ; ଯାହା ବୃତ୍ତିଗତ ନିଷ୍ଠା, ନୈତିକତା ଓ ଉତ୍କୃଷ୍ଟକୁ ପ୍ରୋତ୍ସାହନ ଦେବାରେ ସମର୍ପିତ। ଏହା ଦେଶବ୍ୟାପୀ ଯୋଗାଯୋଗ କ୍ଷେତ୍ରରେ ବୃତ୍ତିଧାରୀମାନଙ୍କୁ ଏକତ୍ର କରିବା ସହ ବୃତ୍ତିଗତ ଶିକ୍ଷା ଓ ଶିଳ୍ପ ମାନଦଣ୍ଡ ଗଠନରେ ମୁଖ୍ୟ ଭୂମିକା ନେଇଆସୁଛି।

# ଶିଶୁସାହିତ୍ୟରେ ଶିଶୁଗପର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୭।୪ (ବନ୍ଦନା ସେଠୀ)

## ଇଟିକିଲି ମିଟିକିଲି ପକ୍ଷରୁ ଶିଶୁକଥା ଦିବସ ପାଳିତ


ଅତିଥିଙ୍କ ଗହଣରେ 'ବର୍ଣ୍ଣବୋଧ' ଓ 'ଶିଶୁଲେଖା' ପତ୍ରିକା ସହ ପିଲାମାନେ।

ଶିଶୁ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଶିଶୁଗପ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପିଲାଟିଏ ଗପ ଶୁଣିବାବେଳେ ବା ପଢିବାବେଳେ ଏହାକୁ ସେ ବେଶ୍ ଆନନ୍ଦର ସହିତ ଉପଭୋଗ କରିଥାଏ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ସପ୍ତମ ଦିବସରେ 'ଶିଶୁକଥା ଦିବସ' ଇଟିକିଲି ମିଟିକିଲି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ, କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ଅରୁଣ କୁମାର ସାହୁ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ଅତିଥି ଭାବେ ଉପସ୍ଥିତ ଥିଲେ। ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଏଥିସହ ପିଲାମାନଙ୍କୁ ଅବସର ସମୟରେ ଜେଜେମାଆ, ଜେଜେବାପା ଏବଂ ମା' ବାପାମାନେ ଗପ ଶୁଣାଇବା ତଥା ପଢ଼ିବାର ସୁଯୋଗ ଦେଲେ ପିଲାମାନେ ମୋବାଇଲ୍‌ଠାରୁ ଅନେକାଂଶରେ ଦୂରେଇ ରହିବେ ବୋଲି ସେ ମତ ରଖିଥିଲେ। ଏହି ଅବସରରେ ୨୫ଜଣ ଛୋଟ ପିଲା ୨୫ଟି ଗପ ଚମତ୍କାର ଢଙ୍ଗରେ କହିଥିବାବେଳେ ୧୫ଜଣ ଅଭିଭାବକ ୧୫ଟି ଗପ ଓ ୧୦ଜଣ ଶିଶୁ-ସାହିତ୍ୟିକ ୧୦ଟି ଗପ ଏହିଭଳି ଭାବରେ ମୋଟ୍ ୫୦ଟି ସଂକ୍ଷିପ୍ତ ଗପ କହିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ 'ବର୍ଣ୍ଣବୋଧ' ଓ ପିଲାଙ୍କ ପତ୍ରିକା 'ଶିଶୁଲେଖା'ର ବନ୍ଦେ ମାତରମ୍ ସଂଖ୍ୟାକୁ ଗପ କହିଥିବା ପିଲା, ଅଭିଭାବକ ଓ ଶିଶୁ-ସାହିତ୍ୟିକମାନଙ୍କୁ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ରଜନୀକାନ୍ତ ରାଉତ, ପ୍ରତ୍ୟୁଷିନୀ ମହାନ୍ତି, ଶିଳ୍ପୀତା ବିଶ୍ୱାଳ, ଜ୍ୟୋସ୍ନା ବେହେରା ଓ ପ୍ରିୟଦର୍ଶୀ ସୌମ୍ୟକାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମନମୋହନ

ପୁରୀ, ୭।୪(ଅଜିତ୍ କୁମାର ମହାନ୍ତି): ରାଜ୍ୟ ସଭାରେ ଶପଥ ଗ୍ରହଣ ପରେ ମନମୋହନ ସାମଲ ମଙ୍ଗଳବାର ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦର୍ଶନ କରିଛନ୍ତି। ମନମୋହନ ପ୍ରଥମେ ପତିତପାବନଙ୍କୁ ଦର୍ଶନ କରି ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭିତରକାଠ ନିକଟରେ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତରେ ଥିବା ମା' ଲକ୍ଷ୍ମୀ, ବିମଳା, ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିବା ସହ କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ସେଠାରୁ ପ୍ରସ୍ଥାନ କରିଥିଲେ। ଦର୍ଶନ କରି ଫେରିବା ପରେ ସିଂହଦ୍ୱାରଠାରେ ମନମୋହନଙ୍କୁ ଓଲାଗି ଧ୍ୱଜା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆହତ ହରିଣ ଉଦ୍ଧାର ପରେ ବନ ବିଭାଗକୁ ହସ୍ତାନ୍ତର

ବାଲିପାଟଣା,୭।୪(ଅଭିମନ୍ୟୁ ନାୟକ)

ବାଲିପାଟଣା ରେଞ୍ଜ ଅଧୀନ ବାଗିଲ ନାୟକସାହି ନିକଟରୁ ମଙ୍ଗଳବାର ଗ୍ରାମବାସୀ ଏକ ଆହତ ହରିଣକୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ମୁତାବକ, ବାଗିଲ ଗ୍ରାମ ଅଭିମୁଖେ ଏକ ହରିଣ ଦୌଡ଼ି ଆସୁଥିବା ଦେଖି କେତେଜଣ ଲୋକ ତାକୁ ପିଛା କରିଥିଲେ। ତାକୁ ଧରିବାକୁ ଚେଷ୍ଟା କରିବାରୁ ହରିଣଟି ଏକ ପୋଖରୀକୁ ଡେଇଁ ପଡ଼ିଥିଲା। ପରେ କେତେଜଣ ଗ୍ରାମବାସୀ ତାକୁ କାବୁ କରି ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହରିଣଟିକୁ ହେପାଜତକୁ ନେଇଥିଲେ। ପରେ ହରିଣର ଚିକିତ୍ସା କରାଯାଇ ଜଙ୍ଗଲରେ ଛଡ଼ାଯାଇଛି ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ହରିଣଟି ଭଅଁରା ସଂରକ୍ଷିତ ଜଙ୍ଗଲ କିମ୍ବା କୋଣାର୍କ-ପୁରୀ ସଂରକ୍ଷିତ ଜଙ୍ଗଲରୁ ବାଟ ବଣା ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।

# ବିଏମ୍‌ସିର ବର୍ଜ୍ୟ ପରିଚାଳନାକୁ ପ୍ରଶଂସା କଲେ କର୍ଣାଟକ ସହରାଞ୍ଚଳ ପ୍ରତିନିଧି ଦଳ


ବିଏମ୍‌ସିର ବର୍ଜ୍ୟ ପରିଚାଳନା ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ନେବାକୁ ଆସିଥିବା କର୍ଣାଟକ ସହରାଞ୍ଚଳ ପ୍ରତିନିଧି ଦଳ।

ଭୁବନେଶ୍ୱର,୭।୪(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବର୍ଜ୍ୟ ପରିଚାଳନା ପଦ୍ଧତି ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରକୁ ବର୍ଜ୍ୟ ପରିଚାଳନାର ଏକ ଶିକ୍ଷାକେନ୍ଦ୍ର ଭାବେ ଦେଶର ଅନ୍ୟ ମହାନଗର ନିଗମଗୁଡ଼ିକ ବିବେଚନା କରୁଛନ୍ତି। ତେଣୁ ଦେଶର ବିଭିନ୍ନ ମହାନଗର ନିଗମରୁ ବର୍ଜ୍ୟ ପରିଚାଳନା ସମ୍ପର୍କରେ ଶିକ୍ଷାଲାଭ କରିବା ପାଇଁ ବିଏମ୍‌ସିକୁ ବହୁ ରାଜ୍ୟର ଅଧିକାରୀ, କର୍ମଚାରୀ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଆସୁଛନ୍ତି। ଏହି କ୍ରମରେ ମଙ୍ଗଳବାର କର୍ଣାଟକର ବିଭିନ୍ନ ସ୍ୱାୟତ୍ତ ଶାସନ ସଂସ୍ଥାର ୧୬ଜଣିଆ ପ୍ରତିନିଧି ଦଳ ବିଏମ୍‌ସିର ଏମ୍‌ଆର୍‌ଏଫ୍, ଏମ୍‌ସିସି ଇତ୍ୟାଦି ଦେଖିବା ସହ ଓଦା ଓ ଶୁଖିଲା ବର୍ଜ୍ୟ ସଂଗ୍ରହ ଏବଂ ପ୍ରକ୍ରିୟାକରଣ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହ ବ୍ୟବସାୟିକ ଅଞ୍ଚଳରୁ କିପରି ବର୍ଜ୍ୟ ସଂଗ୍ରହ ହେଉଛି ତାହା ମଧ୍ୟ ବୁଲି ଦେଖିଥିଲେ। ପ୍ରତ୍ୟେକଙ୍କ ଘରୁ ବର୍ଜ୍ୟ ସଂଗ୍ରହ, ବର୍ଜ୍ୟ ପୃଥକୀକରଣ ଓ ପ୍ରକ୍ରିୟାକରଣ ଦେଖିବା ସହ ବର୍ଜ୍ୟକୁ କିପରି ସମ୍ପଦରେ ରୂପାନ୍ତର କରାଯାଉଛି ତାହା ପଚାରି ବୁଝିଥିଲେ। ପଳାଶୁଣିରେ ଥିବା ୧୫୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ବିଶାଳ ଏମ୍‌ଆର୍‌ଏଫ୍ ସମେତ 'ସଫା ଆପ୍' ଏବଂ କମାଣ୍ଡ କଣ୍ଟ୍ରୋଲ ରୁମ୍ ବୁଲି ଦେଖିଥିଲେ। କର୍ଣାଟକର ଚିକ୍କାବଲାପୁର ସିଏମ୍‌ସି, ଚିନ୍ତାମଣି ସିଏମ୍‌ସି, ସିଦଲାଘାଟା ସିଏମ୍‌ସି, ଗୌରୀ ବିଦାନର ସିଏମ୍‌ସି, ଡିଷ୍ଟ୍ରିକ୍ଟ ଅର୍ବାନ ଡେଭଲପମେଣ୍ଟ ସେଲ, ଚିକ୍କାବାଲପୁର ସିଏମ୍‌ସି, ଟାଉନ ପଞ୍ଚାୟତ ଗୁଡିବାଣ୍ଡେ ସିଏମ୍‌ସିରୁ ୧୬ଜଣିଆ ପ୍ରତିନିଧି ଦଳ ବିଏମ୍‌ସିର କାର୍ଯ୍ୟ ପ୍ରଣାଳୀ ବୁଲି ଦେଖିଥିଲେ। ଏହି ଅବସରରେ ପ୍ରତିନିଧି ଦଳଙ୍କୁ ଓଡ଼ିଶା ଅର୍ବାନ ଏକାଡେମୀରେ ତାଲିମ ପ୍ରଦାନ କରାଯାଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅତିରିକ୍ତ ଶାସନ ସଚିବ ଶୁଭେନ୍ଦୁ କୁମାର ସାହୁ ବିଭିନ୍ନ ସୂଚନା ଦେଇଥିଲେ। ବିଏମ୍‌ସିର ପରିମଳ ଡେପୁଟି କମିଶନର ଏନ୍. ଗଣେଶ ବାବୁ ଏହି ପ୍ରତିନିଧି ଦଳଙ୍କୁ ବିଭିନ୍ନ ସ୍ଥାନ ବୁଲାଇ ଦେଖାଇବା ସହ ବିଏମ୍‌ସିର ବର୍ଜ୍ୟ ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ। ଓଡ଼ିଶା ଅର୍ବାନ ଏକାଡେମୀର ସେକ୍ରେଟାରି ନୀହାରିକା ମୁଦୁଲି, କନ୍‌ସଲଟାଣ୍ଟ ଡ. ସୁଶାଇ କେପିନ, ୱାଟ୍‌କୋ ଇଞ୍ଜିନିୟର ଅଚ୍ୟୁତ ବିଜୟାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।


बैंक ऑफ़ बड़ौदा Bank of Baroda

## କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪ ଓଡ଼ିଶା, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩, E-mail: sarcut@bankofbaroda.bank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ୍ "ପରିଶିଷ୍ଟ-୪-ଏ [ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ]"
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୬(୨) ଏବଂ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାର/ସୁରକ୍ଷିତ ସମ୍ପତ୍ତି/ଦେୟ/ସଂରକ୍ଷିତ ମୂଲ୍ୟ/ଅମାନତ ରାଶି/ବିଡ୍ ବର୍ଦ୍ଧିତ ରାଶି/ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନକମ୍ବ୍ରାନ୍‌ସେସ୍, ଯଦି ଥାଏ | ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ / ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ |
|---|---|---|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ମେସର୍ସ ଶାନ୍ତି ଆଣ୍ଡ ବଳ ଅଏଲ ଇଣ୍ଡଷ୍ଟ୍ରି, ଗ୍ରାମ: ମାଝିପଡ଼ା, ପୋ: ଅଚ୍ୟୁତଦସନ୍ତ, ଥାନା: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ପିନ୍-୭୫୪୨୦୫, ୨) ପ୍ରମୋଦ କୁମାର ଶାନ୍ତି, ୩) ଶ୍ରୀ ରଞ୍ଜିତ ଶାନ୍ତି, ଉଭୟଙ୍କ ଠିକଣା- ସା: ଶୁକଳ, ପୋ: ମହାରି, ଗ୍ରାମ: ବରୀ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୩ / ଜାମିନ୍‌ଦାରମାନେ: ଶ୍ରୀ ପ୍ରଫୁଲ୍ଲ କୁମାର ଦଲାଲ, ମାର୍ଫତ: ଭାସ୍କର ଦଲାଲ, ୨) ଶ୍ରୀମତୀ ସରସ୍ୱତୀ ଦଲାଲ, ମାର୍ଫତ: ଭାସ୍କର ଦଲାଲ, ଉଭୟଙ୍କ ଠିକଣା- ସା: ବାହାଦୁଲାପାଟଣା, ପୋ: ବହୁଗ୍ରାମ, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ଶ୍ରୀ ପ୍ରଫୁଲ୍ଲ ଦଲାଲ ଏବଂ ଶ୍ରୀମତୀ ସରସ୍ୱତୀ ଦଲାଲଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୨୩/୩୧୭, ପ୍ଲଟ୍ ନଂ.: ୧୧୨୨/୧୫୭୫ ଏବଂ ୧୧୨୩/୧୫୭୬, ମୌଜା: ସାଲେପୁର, ନଂ. ୫୫୦, ବାହାଦୁଲାପାଟଣା, ପୋ: ବହୁଗ୍ରାମ, ଥାନା: ସାଲେପୁର, ଜିଲ୍ଲା: କଟକ, କ୍ଷେତ୍ର: ଏକର୦.୦୫୫ ଡିସିମିଲି ଏବଂ ଏକର୦.୦୩୮ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୯୩ ଡିସିମିଲି | ଦେୟ: ତା.୧୬.୦୭.୨୦୧୫ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୭୮,୫୯,୫୧୩/- + (ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୨,୫୦,୯୬,୩୬୩.୭୩ ସୁଦ୍ଧ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୯.୦୪.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୨୦,୬୧,୦୦୦/- / ଟ.୨,୦୬,୧୦୦/- / ଟ.୧୫,୦୦୦/- | ସାଙ୍କେତିକ | ୨୪.୦୪.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୨. | ଋଣଗ୍ରହୀତାମାନେ: ୧) ମେସର୍ସ ହାଇୱେ ଡାଏରୀ, ସ୍ୱତ୍ୱାଧିକାରୀ: ଆରତି ବିଜୟ ମଙ୍ଗରାଜ, ପ୍ଲଟ୍ ନଂ. ଏନ୍-୬/୨୩୮, ଜୟଦେବ ବିହାର, ଭୁବନେଶ୍ୱର-୧୫, ଓଡ଼ିଶା, ୨) ଆରତି ବିଜୟ ମଙ୍ଗରାଜ (ସ୍ୱତ୍ୱାଧିକାରୀ), ପ୍ଲଟ୍ ନଂ.: ୧୧୩୦, ହାଜିପୁର, ଜଗତସିଂହପୁର, ପିନ୍-୭୫୪୧୧୧ | ଆରତି ବିଜୟ ମଙ୍ଗରାଜଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ କାରଖାନା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୫୦/୨୮୪, ଚକ ନଂ.: ୩୫୫, ପ୍ଲଟ୍ ନଂ.: ୧୧୩୦, ମୌଜା: ହାଜିପୁର, କ୍ଷେତ୍ର: ଏକର୧.୦୩ ଡିସିମିଲି, ତହସିଲ: ବିରିଡି, ଥାନା/ଜିଲ୍ଲା: ଜଗତସିଂହପୁର, ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୧୨୫, ୧୧୨୬, ୧୧୨୯, ଦକ୍ଷିଣ: ପ୍ଲଟ୍ ନଂ. ୧୧୩୧, ୧୧୩୩, ୧୧୩୪, ୧୧୩୫, ୧୧୪୧, ୧୧୪୨, ପୂର୍ବ: ପ୍ଲଟ୍ ନଂ. ୧୧୨୪, ପଶ୍ଚିମ: ରାସ୍ତା | ଦେୟ: ତା.୨୬.୧୦.୨୦୧୩ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୯୪,୫୮,୮୪୫/- + (ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୯୬,୨୧,୪୨୦.୪୩ ସୁଦ୍ଧ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୯.୦୪.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୧,୩୫,୮୪,୦୦୦/- / ଟ.୧୩,୫୮,୪୦୦/- / ଟ.୫୦,୦୦୦/- | ସାଙ୍କେତିକ | ୨୪.୦୪.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୩. | ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ମୋଟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ସା: ସାମରାଏପୁର, ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ ନିକଟ, ଭଦ୍ରକ, ପିନ୍-୭୫୬୧୮୧, ୨) ଶ୍ରୀ ଦୁର୍ଯ୍ୟୋଧନ ଦାସ (ସ୍ୱତ୍ୱାଧିକାରୀ), ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଘୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୮୧ / ଜାମିନ୍‌ଦାର: ଶ୍ରୀମତୀ ମନୋରମା ଦାସ, ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ଦାସ, ପିତା: ଶ୍ରୀ ଗଙ୍ଗାଧର ଦାସ, ସା: ଦାଗମୁଣ୍ଡା, ପୋ: ଉପର ବାଘୁରାଇ, ଗ୍ରାମ: ମାଧବନଗର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୮୧ | ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୩୨୪/୪୬୯୬, ଖାତା ନଂ.: ୭୬୬/୮୪୭, ପରିମିତ ସମୁଦାୟ କ୍ଷେତ୍ର: ଏକର୦.୨୦ ଡିସିମିଲି, ମୌଜା: ଗେଲପୁର, ଥାନା: ଭଦ୍ରକ, ଜିଲ୍ଲା: ଭଦ୍ରକ, ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୩୨୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ପ୍ଲଟ୍ ନଂ. ୩୭୫, ପୂର୍ବ: ପ୍ଲଟ୍ ନଂ. ୩୨୫, ପଶ୍ଚିମ: ପ୍ଲଟ୍ ନଂ. ୩୨୩ | ଦେୟ: ତା.୦୭.୦୯.୨୦୧୫ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୨୨,୦୮,୬୮୪/- + (୦୧.୦୮.୨୦୧୫ ସୁଦ୍ଧା ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୪୪,୭୮,୨୨୨.୪୭ ସୁଦ୍ଧ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୨୯.୦୪.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୬,୩୦,୦୦୦/- / ଟ.୬୩,୦୦୦/- / ଟ.୧୫,୦୦୦/- | ଭୌତିକ | ୨୪.୦୪.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୪. | ଋଣଗ୍ରହୀତାମାନେ: ୧) ମେସର୍ସ ଜୟ ଦୁର୍ଗା ପ୍ଲାଷ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ସାହୁ, ୨) ଶ୍ରୀ ପ୍ରଶାନ୍ତ କୁମାର ସାହୁ (ସ୍ୱତ୍ୱାଧିକାରୀ), ଉଭୟଙ୍କ ଠିକଣା- ସା: ଆହାରପସି, ପୋ: କଣ୍ଡରାପସି, ଭାୟା: ଝୁମ୍ପୁରା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୧ | ଶ୍ରୀ ପ୍ରଶାନ୍ତ କୁମାର ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨/୬୮, ପ୍ଲଟ୍ ନଂ.: ୨୨୬/୭୫୧, କ୍ଷେତ୍ର: ଏକର୦.୩୦ ଡିସିମିଲି ଅର୍ଥାତ୍ ୧୩୦୬୮ ବର୍ଗଫୁଟ, ମୌଜା: ଆହାରପସି, କିସମ: ଘରବାରି, ଥାନା: ସଦର, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ.: ୨୨୫, ଦକ୍ଷିଣ: ପ୍ଲଟ୍ ନଂ.: ୨୩୫ ଏବଂ ୨୩୨, ପୂର୍ବ: ପ୍ଲଟ୍ ନଂ.: ୨୨୮ ଏବଂ ୨୨୯, ପଶ୍ଚିମ: ପ୍ଲଟ୍ ନଂ.: ୨୩୬ | ଦେୟ: ତା.୩୧.୦୫.୨୦୧୬ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୬୯,୭୬,୪୧୫/- + (୩୦.୦୧.୨୦୧୬ ସୁଦ୍ଧା ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୧,୮୨,୬୦,୩୨୧.୫୪ ସୁଦ୍ଧ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୯.୦୫.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୫,୦୦୦/- | ସାଙ୍କେତିକ | ୧୫.୦୫.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |
| ୫. | ଋଣଗ୍ରହୀତାମାନେ: ୧) ଶ୍ରୀ ନିରଞ୍ଜନ ମଲିକ, ପିତା: ଗଜି ମଲିକ, ୨) ଶ୍ରୀମତୀ ସଞ୍ଜୁଲତା ମଲିକ, ସ୍ୱାମୀ: ନିରଞ୍ଜନ ମଲିକ, ଉଭୟଙ୍କ ଠିକଣା- ସା: ଗତାନଇ, ଥାନା: ପାଟକୁରା, ଭାୟା: କୁଜଙ୍ଗ, ଜିଲ୍ଲା: କେନ୍ଦ୍ରାପଡ଼ା / ଜାମିନ୍‌ଦାର: ଶ୍ରୀ ରବୀନ୍ଦ୍ରନାଥ ବିଶ୍ୱାଳ, ସା: କୋରଟପଙ୍ଗା, ପୋ: ଗତାନଇ, ଥାନା: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା | ଶ୍ରୀ ନିରଞ୍ଜନ ମଲିକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଗତାନଇ, ସବ-ରେଜିଷ୍ଟ୍ରାର: ମାର୍ଶାଘାଇ, ଥାନା: ପାଟକୁରା, ଖାତା ନଂ.: ୨୬୮/୬୬, ପ୍ଲଟ୍ ନଂ.: ୮୦୨/୧୧୯୬, କ୍ଷେତ୍ର: ଏକର୦.୦୮ ଡିସିମିଲି, ପ୍ଲଟ୍ ନଂ.: ୮୦୪/୧୧୯୮, କ୍ଷେତ୍ର: ଏକର୦.୦୪ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୧୨ଡିସିମିଲି, ଜିଲ୍ଲା: କେନ୍ଦ୍ରାପଡ଼ା, ସମ୍ପତ୍ତିର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ବାବାଜୀ ମଲ୍ଲିକ, ପୂର୍ବ: ନାରାୟଣ ମଲ୍ଲିକ, ପଶ୍ଚିମ: ଭ୍ରୁବ ମଲ୍ଲିକ | ଦେୟ: ତା.୦୬.୧୧.୨୦୧୫ ଡିମାଣ୍ଡ ନୋଟିସ୍ ଅନୁଯାୟୀ ଟ.୮,୫୮,୪୧୫/- + (ଲାଗୁହୋଇନଥିବା ପ୍ରଯୁଜ୍ୟ ସୁଧ ଏବଂ ଅନ୍ୟାନ୍ୟ ଦେୟ) ଏବଂ ୦୫.୦୪.୨୦୨୬ ସୁଦ୍ଧା ଟ.୧୬,୧୩,୨୩୮.୯୪ ସୁଦ୍ଧ ସେବାବଦ ଆଇନଗତ ଖର୍ଚ୍ଚ ଏବଂ ଦେୟ | ୧୯.୦୫.୨୦୨୬ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଟ.୧୨,୯୧,୦୦୦/- / ଟ.୧,୨୯,୧୦୦/- / ଟ.୧୫,୦୦୦/- | ସାଙ୍କେତିକ | ୧୫.୦୫.୨୦୨୬ (ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା) |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ପ୍ରଦତ୍ତ ଲିଙ୍କ୍ www.bankofbaroda.bank.in/eauction.htm ଏବଂ https://baanknet.com ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ନିଲାମଧାରୀମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋବାଇଲ ନଂ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ ଏବଂ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ।

ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ

ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ କ୍ର.ନଂ. ୧, ୨ ଏବଂ ୩ ନିମନ୍ତେ : ୨୯.୦୪.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଏବଂ କ୍ର.ନଂ. ୪ ଏବଂ ୫ ନିମନ୍ତେ : ୧୯.୦୫.୨୦୨୬ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବିକ୍ରୟ ନିମନ୍ତେ ୧୫/୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍

ସ୍ଥାନ: କଟକ, ତାରିଖ: ୦୭.୦୪.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**ହାଇୱାକୁ ଧକ୍କା ଦେଲା ଆମ ବସ୍**

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ପଦ୍ମନାଭନଗର ବଜାର ଉପରେ ମଙ୍ଗଳବାର ଆମ ବସ୍ ସହ ଏକ ହାଇୱା ଧକ୍କା ହୋଇଛି। ସୌଭାଗ୍ୟବଶତଃ ବସରେ ଥିବା ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ଏହି ଦୁର୍ଘଟଣାରେ ବସ୍ ବାମପାର୍ଶ୍ୱ ଝରକାରେ ଲାଗିଥିବା ୨ଟି ବଡ଼କାଚ ଭାଙ୍ଗି ଯିବାରୁ କେତେଜଣ ଯାତ୍ରୀ ଆହତ ହୋଇଛନ୍ତି। ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି। ଅପରାହ୍ନ ପ୍ରାୟ ସାଢ଼େ ୧୨ଟାରେ ଗୋଡିସାହି ପଟୁ ତ୍ରିଶୂଳିଆ ଅଭିମୁଖେ ଏକ ହାଇୱା ଯାଉଥିଲା। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଆମ ବସଟି ହାଇୱାକୁ ଅତିକ୍ରାନ୍ତ କରିବା ବେଳେ ପାର୍ଶ୍ୱରୁ ଧକ୍କା ଦେଇଥିଲା।

# ସମାବର୍ତ୍ତନ ଜ୍ଞାନ, ସ୍ଥିରତା, ପରିବର୍ତ୍ତନର ଏକ ଉତ୍ସବ

**ଇଗ୍ନୁର ୩୯ତମ ସମାବର୍ତ୍ତନ ଉତ୍ସବ**

ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)



ଉତ୍ସବରେ ମନ୍ତ୍ରୀ ରବିନାରାୟଣ ନାୟକ ଓ କୃଷ୍ଣଚନ୍ଦ୍ର ପାତ୍ର ଛାତ୍ରୀ ନମ୍ରତା ପରିଡ଼ାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରୁଛନ୍ତି।

ଇଗ୍ନୁର ୩୯ତମ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟ ସମେତ ଦେଶର ବିଭିନ୍ନ ଆଞ୍ଚଳିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଇଗ୍ନୁ ଆଞ୍ଚଳିକ କେନ୍ଦ୍ରର ସମାବର୍ତ୍ତନ ଉତ୍ସବ ସୂଚନା ଭବନରେ ଆୟୋଜିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ କହିଲେ, ସମାବର୍ତ୍ତନ କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ଏହା ଜ୍ଞାନ, ସ୍ଥିରତା ଏବଂ ପରିବର୍ତ୍ତନର ଏକ ଉତ୍ସବ। ମହାଭାରତର ଏକଲବ୍ୟଙ୍କ ପରି ଇଗ୍ନୁର ଛାତ୍ରୀଛାତ୍ରମାନେ ଆତ୍ମପ୍ରେରିତ ଓ ଜୀବନବ୍ୟାପୀ ଶିକ୍ଷାର ଜୀବନ୍ତ ଉଦାହରଣ ବୋଲି ସେ ପ୍ରକାଶ କରିଥିଲେ।

ଏହି ଅବସରରେ ଅନ୍ୟତମ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଦେଶର ସବୁଠାରୁ ବଡ଼ ସମ୍ପତ୍ତି। ସେମାନଙ୍କ ଦକ୍ଷତା ଓ ଜ୍ଞାନ ବିକଶିତ ଭାରତ-୨୦୪୭ ପାଇଁ ଏକ ବଡ଼ ଯୋଗଦାନ ହେବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗଦେଇ ଶିକ୍ଷାର୍ଥୀଙ୍କ ପ୍ରୟାସ ଏବଂ ଅଧ୍ୟବସାୟ ସେମାନଙ୍କୁ ଜୀବନରେ ନୂତନ ଉଚ୍ଚତା ଆରୋହଣ କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏମ୍.କେ. ଦାଶ ଉକ୍ତ କେନ୍ଦ୍ର କାର୍ଯ୍ୟକଳାପର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଡିଗ୍ରୀ ଯାତ୍ରା ଶେଷ ନୁହେଁ, ବରଂ ସୁଯୋଗ ଓ ଦାୟିତ୍ୱରେ ପରିପୂର୍ଣ୍ଣ ଏକ ନୂତନ ଅଧ୍ୟାୟର ଆରମ୍ଭ ବୋଲି ସେ ପ୍ରକାଶ କରିଥିଲେ। ଉତ୍ସବକୁ ଉପନିର୍ଦ୍ଦେଶକ ଡ. ବିମଳ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡ. ଏସ୍.କେ. ପାଣିଗ୍ରାହୀ, ଉପନିର୍ଦ୍ଦେଶକ ଡ. ପି.କେ. ଜେନା ଉପସ୍ଥିତ ଥିଲେ। ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ଏମ୍ଏଲ୍ଆଇଏସ୍ ଛାତ୍ରୀ ନମ୍ରତା ପରିଡ଼ା ଏବଂ ଏମ୍ଏଭିଏସ୍ ଛାତ୍ର ନୀରଜ ବୀର ସିଂହଙ୍କୁ ସ୍ୱର୍ଣ୍ଣପଦକ ସମେତ ୭୧୯ ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା।

# ଗାଡ଼ି ନମ୍ବର ପ୍ଲେଟ୍‌ରେ ଅନ୍ୟ କିଛି ଲେଖାଯିବନି

**କଡ଼ାକଡ଼ି ଯାଞ୍ଚ ପାଇଁ ଏସ୍‌ଟିଏ ଦେଲା ନିର୍ଦ୍ଦେଶ**

କଟକ,୭।୪(କାର୍ତ୍ତିକ ସାହୁ)

ନମ୍ବର ପ୍ଲେଟ୍‌ରେ କେବଳ ଗାଡ଼ିର ନମ୍ବର ବ୍ୟତୀତ ଅନ୍ୟ କିଛି ଲେଖାଯିବ ନାହିଁ। ୧୯୮୯ କେନ୍ଦ୍ରୀୟ ମୋଟରଯାନ ନିୟମର ୫୦ ଓ ୫୧ ଧାରା ଅନୁଯାୟୀ ଏହା ପାଳନ ହେବ। ତେବେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍ଆର୍‌ସି)ଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ତତ୍ପରତା ପ୍ରକାଶ କରିଛି। ଏକ ସ୍ୱତନ୍ତ୍ର ଅଭିଯାନ ଜରିଆରେ ଏପ୍ରିଲ ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ନମ୍ବର ପ୍ଲେଟ୍ ଯାଞ୍ଚ କରିବାକୁ ରାଜ୍ୟର ସବୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏସ୍‌ଟିଏ ପକ୍ଷରୁ ଚିଠି କରାଯାଇଛି। ନମ୍ବର ପ୍ଲେଟ୍‌ରେ ଓଏଚ୍ଆର୍‌ସି ଏବଂ ଓଡ଼ିଶା ପୋଲିସର ଲୋଗୋ ସଦୃଶ ଚିହ୍ନ ଲଗାଇ କେତେଜଣ ବ୍ୟକ୍ତି ବେଆଇନ ଭାବେ ବୁଲୁଥିବା ଓ ପୋଲିସ ଆଖିରୁ ସହଜରେ ଖସି ଯାଉଥିବାରୁ ଏନେଇ ଓଏଚ୍ଆର୍‌ସିରେ ଏକ ମାମଲା ରୁଜୁ ହୋଇଥିଲା। ଓଏଚ୍ଆର୍‌ସି ମାମଲାର ଶୁଣାଣି କରି ଏ ଦିଗରେ ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ।



ମେଟ୍ରୋ ପ୍ରକଳ୍ପ ବନ୍ଦ ପ୍ରତିବାଦରେ ମଙ୍ଗଳବାର ଭୁବନେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

# ଆଜି ଶ୍ରୀମନ୍ଦିର ରତ୍ନଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟ ଗଣତି

ପୁରୀ, ୭।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ମାର୍ଚ୍ଚ ୨୫ ଅମୃତବେଳାରେ ଚଳନ୍ତି ରତ୍ନଭଣ୍ଡାରର ସ୍ୱର୍ଣ୍ଣଅଳଙ୍କାର ଗଣତି କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାରଠାରୁ ବାହାର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଆରମ୍ଭ ହେବ। ପୂର୍ବାହ୍ନ ୧୧ଟା ୩୦ରୁ ଏହି ପ୍ରକ୍ରିୟା ଆରମ୍ଭହେବ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ପ୍ରକ୍ରିୟା ୮ ତାରିଖରୁ ଆରମ୍ଭ ହୋଇ ୧୧ ଯାଏ ଚାଲିବ। ସେହିପରି ୧୩ ଏବଂ ପରେ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଗଣତି ଚାଲୁରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗଣତି ସମୟରେ ମହାପ୍ରଭୁଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବ। ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ଲାଗି ପ୍ରବେଶ କରିପାରିବେ। ଉକ୍ତ ଦିନଗୁଡ଼ିକରେ କେବଳ ବାହାର କାଠ ନିକଟରେ ଦର୍ଶନ ବ୍ୟବସ୍ଥା ହେବ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଗଣତି କାର୍ଯ୍ୟରେ ପୂର୍ବପରି ପୂର୍ଣ୍ଣ ସହଯୋଗ ନିମନ୍ତେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିବେଦନ କରିଛନ୍ତି।

# ମେ’ ୫ରୁ ସିପିଇଟି

ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)

ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି) ସୂଚୀ ପ୍ରକାଶ ପାଇଛି। ଦିନକୁ ୨ଟି ଶିଫ୍ଟରେ ପରୀକ୍ଷା ହେବ। ପ୍ରଥମ ଶିଫ୍ଟ ପୂର୍ବାହ୍ନ ୧୦ଟା ଏବଂ ଦ୍ୱିତୀୟ ଶିଫ୍ଟ ଅପରାହ୍ନ ୩ଟାରୁ ଆରମ୍ଭ ହେବ। ପ୍ରତି ଶିଫ୍ଟରେ ଛାତ୍ରୀଛାତ୍ରମାନେ ୧ ଘଣ୍ଟା ୪୦ ମିନିଟ୍ ଧରି ପରୀକ୍ଷା ଦେବେ। ମେ ୫ରେ ବାଣିଜ୍ୟ ସମେତ ବାୟୋଟେକ୍ନୋଲୋଜି ଓ ସୋସିଓଲୋଜି ପରୀକ୍ଷା ରହିଛି। ରବିବାରକୁ ଛାଡ଼ି ଅନ୍ୟ ସବୁ ବାରରେ ନିୟମିତ ଭାବେ ୧୬ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନା କରୁଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସ୍‌ବି)ରେ ୱେବ୍‌ସାଇଟ୍ ସମେତ ସାମ୍ସ ସାଇଟ୍‌ରେ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଚଳିତବର୍ଷ ସମୁଦାୟ ୩୧,୯୧୫ ସିଟ୍ ପାଇଁ ୫୮,୭୦୮ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ଏପ୍ରିଲ୍ ୩୦ରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ। ୧୯ରେ ପ୍ରୋଭିଜନାଲ୍ ‘ଆନ୍‌ସର୍ କି’ ପ୍ରକାଶ ପାଇବ। ଏହି ଆନସର୍‌କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ, ସେମାନେ ୨୦ରୁ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଲେଖାଏ ଫି’ ଦେବାକୁ ହେବ। ଏହା ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଆଉ ଫେରସ୍ତ କରାଯିବ ନାହିଁ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ମେଧା ତାଲିକା ପ୍ରକାଶ ପାଇବ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅନିତା


@ ବିଶ୍ୱଜିତ୍


@ ସୁଶୀଲ


@ ପ୍ରଦୀପ


@ ମିହିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ଏସ୍‌ସିବି ଆସିବ କେନ୍ଦ୍ରୀୟ ଦଳ

**ଏସ୍‌ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା**

କଟକ,୭।୪(କୁମାରଶ୍ରୀ)

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିବା ନିମନ୍ତେ ଏକ କେନ୍ଦ୍ରୀୟ ଦଳ ବୁଧବାର ବଡ ମେଡିକାଲ ଆସିବ। ଜାତୀୟ ବିପର୍ଯ୍ୟୟ ପରିଚାଳନା ଅଥରିଟିର କମାଣ୍ଡାଣ୍ଟ ଆଦିତ୍ୟ କୁମାର, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଡ. ଅରବିନ୍ଦ କୁମାର, ଡିଏମ୍ ବିଭାଗ ମୁଖ୍ୟ ଡାକ୍ତର ଯୋଗେଶ, ଭାରତ ସରକାରଙ୍କ ସିଭିଲ ଡିଫେନ୍ସ ଏବଂ ହୋମଗାର୍ଡ ବିଭାଗର ପରାମର୍ଶଦାତା ପ୍ରଶାନ୍ତ ଲୋନକର, ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମାଙ୍କ ସମେତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟିର ସାଧାରଣ ପରିଚାଳକ ସୁନୀଲ କୁମାର ସାହୁ ଏହି ଦଳରେ ରହିବେ ବୋଲି ସୂଚନା ମିଳିଛି। କେନ୍ଦ୍ରୀୟ ଦଳ ବଡ ମେଡିକାଲ ଆସିବା ନେଇ ମଙ୍ଗଳବାର ଏସ୍‌ସିବି ମେଡିକାଲ କଲେଜର ଡିନ୍‌ଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ବିଶେଷ କରି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରାଯିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ ପଚରାଉଚରା କରାଯିବ। ପ୍ରକାଶଯୋଗ୍ୟ, ଗତ ମାର୍ଚ୍ଚ ୧୫ ତାରିଖରେ ଏସ୍‌ସିବି ଟ୍ରମା ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଶଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରେ କୁହାଯାଇଛି।

# ଧ୍ୱଜାବନ୍ଧା ରସିଦ୍ ଜାଲିଆତି ଘଟଣା: ଛତାର ସେବକ ନିଲମ୍ବିତ

ପୁରୀ, ୭।୪(ଅଜିତ୍ କୁମାର ମହାନ୍ତି)

ଧ୍ୱଜା ବନ୍ଧା ରସିଦ୍ ଜାଲିଆତି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଛତାର ସେବକ ରଞ୍ଜିତ୍ କରଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ଗତ ୧ ତାରିଖରେ ହାଇଦ୍ରାବାଦର ଭିଜେନ୍ଦ୍ର କେଡ଼ିଆଙ୍କୁ ରଞ୍ଜିତ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ଆଣି ୧୪ ହାତ ଧ୍ୱଜା ବନ୍ଧାଯିବା ପାଇଁ ରସିଦ୍ କାଟିଥିଲେ। ଏ ସମ୍ପର୍କରେ ଅନୁସନ୍ଧାନ ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କେଡିଆଙ୍କ ନାମରେ ଧ୍ୱଜାବନ୍ଧା ବାବଦକୁ ଫି’ ଦାଖଲ ହୋଇ ନ ଥିବା ଜଣାପଡ଼ିଥିଲା। ରଞ୍ଜିତ୍ ଜାଲ୍ ରସିଦ୍ ଦେଇଥିବା ଶ୍ରୀମନ୍ଦିର ସୁପରଭାଇଜରଙ୍କ ନିକଟରେ ସ୍ୱୀକାର କରିଥିବାରୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ କୈଫିୟତ୍ ତଲବ କରାଯାଇଥିଲା। କୈଫିୟତ୍ ସନ୍ତୋଷଜନକ ନ ହେବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଆଦେଶ ମଙ୍ଗଳବାରଠାରୁ ୬ ମାସ ବଳବତ୍ତର ରହିବ। ଏହି ଅବଧି ମଧ୍ୟରେ ରଞ୍ଜିତ୍ କୌଣସି ସେବକଙ୍କୁ ପ୍ରଲୋଭିତ କିମ୍ବା ଧମକଚମକ ଦେବା ଅଭିଯୋଗ ହେଲେ ତାଙ୍କର ନିଲମ୍ବନ ଅବଧି ବୃଦ୍ଧି ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଛାତ୍ରୀଛାତ୍ରଙ୍କୁ ୧୮ ହଜାର ବର୍ଣ୍ଣବୋଧ, ଶିଶୁଲେଖା ବଣ୍ଟନ

ଭୁବନେଶ୍ୱର,୭।୪ (ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସକୁ ମଙ୍ଗଳବାର ‘ଶିଶୁକଥା ଦିବସ’ ଭାବେ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ‘ବର୍ଣ୍ଣବୋଧ’ ଓ ‘ଶିଶୁଲେଖା’ ପୁସ୍ତକ ବଣ୍ଟାଯାଇଛି। ସେହିପରି ବିଶିଷ୍ଟ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକଙ୍କୁ ‘ଭାଗବତ’ ପୁସ୍ତକ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ପ୍ରାୟ ୧୮,୦୦୦ ‘ବର୍ଣ୍ଣବୋଧ’ ଓ ‘ଶିଶୁଲେଖା’ ଏବଂ ବରିଷ୍ଠ ନାଗରିକଙ୍କୁ ୨,୦୦୦ ଭାଗବତ ପୁସ୍ତକ ବଣ୍ଟାଯାଇଛି। ନବରଙ୍ଗପୁର ଜିଲା ଉମରକୋଟ୍‌ସ୍ଥିତ ପିଏମ୍‌ଶ୍ରୀ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ‘ଶିଶୁକଥା ଦିବସ’ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁକଥା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ଗଣ୍ଡ କହିଥିଲେ। ରାଜ୍ୟର ବିଭିନ୍ନ ସରକାରୀ ବିଦ୍ୟାଳୟ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଶିଶୁକଥା ଦିବସ ପାଳନ କରାଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ସହ ଓଡ଼ିଆ ସଂସ୍କୃତି, ପରମ୍ପରା ଏବଂ ବିଭିନ୍ନ ଲୋକବାଣୀ ସମ୍ବନ୍ଧରେ ଯେପରି ଛାତ୍ରୀଛାତ୍ରମାନେ ଅବଗତ ହୋଇପାରିବେ ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଅତିଥି ଏବଂ ଛାତ୍ରୀଛାତ୍ର।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୪(ସୁଚିସ୍ମିତା ସାହୁ)

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରକଳ୍ପର କଳେବର ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚନ୍ଦ୍ର ମାଝୀ ମଙ୍ଗଳବାର ଲୋକସେବା ଭବନରେ ବିଭିନ୍ନ ବିଭାଗର ସଚିବଙ୍କ ସହ ଆଲୋଚନା କରିଛନ୍ତି। ବିଦ୍ୟାଳୟ ପାଇଁ ଜାଗା ନିରୂପଣ, ବିଲ୍ଡିଂର ଢାଞ୍ଚା ସମେତ ଖେଳପଡ଼ିଆ, ମଲ୍ଟି ପର୍ପଜ ହଲ ନିର୍ମାଣ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକ ପାଇଁ ଅଧିକ ଜମି ଅଧିଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଅନୁପମ ଶାହା, ଓସେପା ନିର୍ଦ୍ଦେଶିକା ଅନନ୍ୟା ଦାସ ଉପସ୍ଥିତ ଥିଲେ।

# ଓଡ଼ିଆ ନବବର୍ଷରୁ ନୂଆ ରତ୍ନପଲଙ୍କରେ ନିଦ୍ରାଯିବେ ଶ୍ରୀବିଗ୍ରହ

**ଚନ୍ଦନ ଯାତ୍ରା ନୀତି ନିର୍ଘଣ୍ଟ ଚୂଡ଼ାନ୍ତ**

ପୁରୀ,୭।୪(ଅଜିତ୍ କୁମାର ମହାନ୍ତି)



ବୈଠକରେ ଏସ୍‌ପି ପ୍ରତୀକ ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ଶ୍ରୀମନ୍ଦିର ଛତିଶା ନିଯୋଗ ଓ ନୀତି ସବ୍‌କମିଟି ବୈଠକ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ପାଇଁ ନୂଆ ରତ୍ନପଲଙ୍କ ପ୍ରସ୍ତୁତ ହୋଇଥିବା ଏବଂ ଚନ୍ଦନଯାତ୍ରା ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଛତିଶା ନିଯୋଗ ନାୟକ, ବିଭିନ୍ନ ନିଯୋଗର ସଭାପତି, ସମ୍ପାଦକ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଚନ୍ଦନ ଯାତ୍ରାକୁ ନେଇ ନୀତିନିର୍ଘଣ୍ଟ ଉପରେ ଆଲୋଚନା କରାଯାଇଥିଲା। ଚଳିତ ମାସ ୨୦ ତାରିଖ ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ। ତେଣୁ ଅକ୍ଷୟା ତୃତୀୟା ଠାରୁ ଆରମ୍ଭ ହେବାକୁ ଥିବା ଚନ୍ଦନ ଯାତ୍ରା, ଭଉଁରୀ ଯାତ୍ରା, ହଳଦୀ ପାଣି ଇତ୍ୟାଦି ପାଇଁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ସେହିପରି ଆଗାମୀ ଦିନଗୁଡ଼ିକରେ ଥିବା ବିଶେଷ ନୀତିକ୍ରାନ୍ତି ଉପରେ ମଧ୍ୟ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ୍ ୨୪ରେ ନୀଳାଦ୍ରି ମହୋଦୟାଷ୍ଟମୀ, ଏପ୍ରିଲ୍ ୩୦ରେ ନୃସିଂହ ଜନ୍ମ, ମେ’ ୯ରେ ଭଉଁରୀ ଯାତ୍ରା ଆଦି ନୀତି ଉପରେ ଆଲୋଚନା କରାଯାଇଛି। ଚନ୍ଦନ ଯାତ୍ରା ନିମନ୍ତେ ଜିଲାପାଳଙ୍କସ୍ତରରେ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। ମ୍ୟୁନିସ୍‌ପାଲିଟି, ଜିଲା ପ୍ରଶାସନ, ପୋଲିସ୍ ପ୍ରଶାସନକୁ ଦାୟିତ୍ୱ ବଣ୍ଟନ କରାଯାଇଛି। ପଞ୍ଚ ମହାଦେବ ବିଜେ ଉପରେ ମଧ୍ୟ ବିଚାର କରାଯାଇଛି। ଏପ୍ରିଲ୍ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷରୁ ନୂଆ ରତ୍ନପଲଙ୍କରେ ନିଦ୍ରା ଯିବେ ମହାପ୍ରଭୁ। ୩ ସେଟ୍ ରତ୍ନପଲଙ୍କ ପ୍ରସ୍ତୁତ ହୋଇଛି। ପୁରୁଣା ରତ୍ନପଲଙ୍କ ଡିଜାଇନ୍‌କୁ ଅନୁସରଣ କରି ରୁପା ଆଚ୍ଛାଦିତ ନୂତନ ରତ୍ନପଲଙ୍କ ପ୍ରସ୍ତୁତ ହୋଇଛି। ଅପରପକ୍ଷରେ ଶ୍ରୀମନ୍ଦିର ଆଲୋକୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋକୀକରଣ ପାଇଁ ଏଏସ୍‌ଆଇର ପରାମର୍ଶଦାତାସ୍ତରରେ ସମୀକ୍ଷା ସରିଛି। ଜିଲାପାଳଙ୍କ ସ୍ତରରେ ଗଠିତ ସବ୍‌କମିଟି ମଧ୍ୟ ସମୀକ୍ଷା କରିଛନ୍ତି। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ଉଚ୍ଚଗୁଣବତ୍ତାସମ୍ପନ୍ନ ଲାଇଟ୍ ମୂଳ ମନ୍ଦିର ସହ ପାର୍ଶ୍ୱମନ୍ଦିର, କୁରୁମ ବେଢ଼ା, ମେଘନାଦ ପାଚେରିକୁ ଆଲୋକୀକରଣ କରିବ। ସେହିପରି ନାଟମଣ୍ଡପ ଏୟାର କଣ୍ଡିସନିଂ ପାଇଁ ପ୍ରକ୍ରିୟା ଖୁବ୍ ଶୀଘ୍ର ଶେଷ ହେବ। ଶ୍ରୀଗୁଣ୍ଡିଚା ମନ୍ଦିର ଏୟାର କଣ୍ଡିସନିଂ ପାଇଁ ମଧ୍ୟ ଟେଣ୍ଡର ହେବ ବୋଲି ବୈଠକ ପରେ ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ଦେଇଛନ୍ତି। ତେବେ ଚନ୍ଦନ ଯାତ୍ରାରେ ଶୃଙ୍ଖଳିତ ଭାବେ କିପରି ନୀତି ସମ୍ପାଦନ ହେବ ସେ ନେଇ ଗୁରୁତ୍ୱାରୋପ କରାଯାଇଛି।

